# NATIONAL NEWS BULLETIN (ODIA)
## 19 June 2026
## Midday Bulletin : 1.50 P.M.

*******************************

## ମୁଖ୍ୟ ସମ୍ବାଦ

- ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

- ଆସନ୍ତାକାଲି ରାଷ୍ଟ୍ରପତିଙ୍କ ସହ କାର୍ଯ୍ୟକ୍ରମରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ସାମୁହିକ ଉଦ୍ୟମ ଦ୍ୱାରା ଦେଶରୁ ରକ୍ତଶିକୁଳି ରୋଗର ମୂଳୋତ୍ପାଟନ କରାଯାଇ ପାରିବ - କହିଲେ ରାଷ୍ଟ୍ରପତି ।

- ପଶ୍ଚିମବଙ୍ଗ ଗସ୍ତ କରି ଆସନ୍ତାକାଲି ପିଏମ୍ କିଶାନ ସମ୍ମାନନିଧିର ୨୩ତମ କିସ୍ତି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ ।

ଏବଂ

- ନିଟ୍-ପୁନଃ ପ୍ରବେଶିକା ପରୀକ୍ଷା ସମୟରେ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ ଉପରେ କେନ୍ଦ୍ର ସରକାରଙ୍କ ପ୍ରତିବନ୍ଧକକୁ ଯଥାର୍ଥ କହିଲେ ଦିଲ୍ଲୀ ହାଇକୋର୍ଟ ।

- ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ହ୍ୱାଟ୍ସଆପ୍ ଚ୍ୟାନେଲ ଆରମ୍ଭ କଲା ଏନ୍‌ଟିଏ ।

## ପ୍ରେଜ୍-ଓଡ଼ିଶା ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ମୟୂରଭଞ୍ଜର ଦାଣ୍ଡବୋସ୍ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି ଏବଂ ଅନ୍ୟକେତେକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା ଦୃଢ଼ କରାଯାଇଛି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ସଂଧ୍ୟାରେ ରାଇରଙ୍ଗପୁରଠାରେ ସ୍ୱାସ୍ଥ୍ୟସେବା, ପାନୀୟଜଳ ଏବଂ ଭିତ୍ତିଭୂମି ପ୍ରକଳ୍ପ ଗୁଡ଼ିକର ଉତ୍ସର୍ଗ କରିବେ ।

ଏହି ସମୟରେ ରାଷ୍ଟ୍ରପତି ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ । ରାଷ୍ଟ୍ରପତି’ ଜିଲ୍ଲାର କୁସୁମି ବ୍ଲକ ଅନ୍ତର୍ଗତ ୧୧୩ଟି ଖଣି ପ୍ରଭାବିତ ଗ୍ରାମରେ ଏକ ବୃହତ ଗ୍ରାମୀଣ ପାଇପ ଜଳ ଯୋଗାଣ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହାବ୍ୟତୀତ ହାଟବଦ୍ରାଠାରେ ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ମାତୃଶକ୍ତି ଭବନ, ଏକ ସ୍ୱତନ୍ତ୍ର ସର୍କିଟ ହାଉସ ଏବଂ ରାଇରଙ୍ଗପୁରରେ ନବନିର୍ମିତ ପୁଲିସ ଜିଲ୍ଲାର ଲୋକାର୍ପଣ କରିବେ। ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଇରଙ୍ଗପୁରଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀମତୀ ମୁର୍ମୁ’ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ଏକ ସାଧାରଣ ସଭାରେ ଯୋଗଦେଇ ରାଜ୍ୟର ବିକାଶପାଇଁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ପ୍ରେଜ୍-ସିକିଲ୍‌ସେଲ ଡେ

୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ହେବା ପୂର୍ବରୁ ଭାରତ ସିକିଲ୍‌ସେଲ୍ ବା ରକ୍ତଶିକୁଳି ରୋଗର ସଂପୂର୍ଣ୍ଣ ଦୂରୀକରଣ

କରିପାରିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ବିଶେଷକରି ଆଦିବାସୀ ସଂପ୍ରଦାୟରେ ବଂଶାନୁକ୍ରମିକ ଭାବେ ରକ୍ତଶିକୁଳି ରୋଗ ଦେଖାଦେଉଥିବାରୁ ଏହାକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବା ଲାଗି ସାମୁହିକ ଉଦ୍ୟମର ଆବଶ୍ୟକତା ଉପରେ ରାଷ୍ଟ୍ରପତି ଗୁରୁତ୍ୱପ୍ରଦାନ କରିଛନ୍ତି । ଆଜି ବିଶ୍ୱ ରକ୍ତଶିକୁଳି ଦିବସ ଅବସରରେ ମଧ୍ୟପ୍ରଦେଶର ଓମ୍‌କାରେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମସ୍ତ ରାଜ୍ୟ ସରକାର ଓ ଅଧିକାରୀମାନଙ୍କୁ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ମଙ୍ଗୁଭାଇ ପଟେଲ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ରକ୍ତଶିକୁଳି ରୋଗର ସମ୍ପୂର୍ଣ୍ଣ ଚିକିତ୍ସା ସମ୍ଭବ ହେଉଥିବାରୁ ଏହାର ନିରାକରଣ ପାଇଁ ଉଦ୍ୟମର ଆବଶ୍ୟକତା ରହିଛି । କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରକ୍ତଶିକୁଳି ସମ୍ପର୍କିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ । ମଧ୍ୟପ୍ରଦେଶରେ କାର୍ଯ୍ୟକ୍ରମ ଶେଷ ହେବା ପରେ ରାଷ୍ଟ୍ରପତି ଓଡ଼ିଶାର ରାଇରଙ୍ଗପୁର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ।

**V/O (Rastrapati Murmu)**

## ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଗସ୍ତ କରିବେ । ମୟୂରଭଞ୍ଜ ଜିଲ୍ଲାର ପାହାଡ଼ପୁରରେ ପ୍ରଧାନମନ୍ତ୍ରୀ ସାନ୍ଥାଳି ଜାହେରା ଓ ହୋ ଜାହେରାରେ ପ୍ରାର୍ଥନା କରିବା ସହ ଦକ୍ଷତା କେନ୍ଦ୍ର ଏବଂ ପାହାଡ଼ପୁର ସ୍କୁଲ ଗସ୍ତ କରିବେ । ଓଡ଼ିଶାରେ ବିଜେପି ସରକାରର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ରାଇରଙ୍ଗପୁରଠାରେ ଆୟୋଜିତ

ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହିତ ଯୋଗଦେବେ । ଏହି ଗସ୍ତ କାଳରେ ଉଭୟ ନେତା ୪୭ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ । ସେଗୁଡ଼ିକ ମଧ୍ୟରେ ଶକ୍ତି, ଶିଳ୍ପ ଭିତ୍ତିଭୂମି, ରାସ୍ତା ସଂଯୋଗୀକରଣ, ପାନୀୟଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଏବଂ ଜଳସେଚନ ପ୍ରକଳ୍ପ ରହିଛି ।

ପରେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ପଶ୍ଚିମବଙ୍ଗ ଗସ୍ତ କରିବେ । ହୁଗୁଳିର ତାରକେଶ୍ୱରଠାରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧିର ୨୩ତମ କିସ୍ତୀ ପ୍ରଦାନ କରାଯିବ । ଏହି ଯୋଜନାରେ ୯ କୋଟି ୪୪ଲକ୍ଷ କୃଷକ ପରିବାରକୁ ୧୮ହଜାର ୮୮୦ କୋଟିରୁ ଅଧିକ ଟଙ୍କା ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରାଯିବ । ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ଫସଲବୀମା ଯୋଜନା, ଏଗ୍ରି ଷ୍ଟାକ୍ ଏବଂ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରିବେ । ରବିବାରଦିନ ପ୍ରଧାନମନ୍ତ୍ରୀ କୋଲକାତାରେ ଦ୍ୱାଦଶ ଆନ୍ତର୍ଜାତିକ ଯୋଗ ଦିବସ ସମାରୋହରେ ଅଂଶଗ୍ରହଣ କରିବେ । ସେହିଦିନ ପ୍ରଧାନମନ୍ତ୍ରୀ ସ୍ୱଦେଶୀ ନିର୍ମିତ ନୌଜାହାଜ ଆଇଏନ୍‌ଏସ୍ ଦୁନାଗିରି, ସଂଶୋଧକ ଏବଂ ଆଗ୍ରେକୁ ଶ୍ୟାମାପ୍ରସାଦ ମୁଖାର୍ଜୀ ବନ୍ଦରରୁ ଲୋକାର୍ପଣ କରିବେ ।

## ଯୋଗ ଡେ ଆକାଶବାଣୀ

ଆନ୍ତର୍ଜାତିକ ଯୋଗଦିବସ ପାଳନ ଅବସରରେ ନୂଆଦିଲ୍ଲୀସ୍ଥିତ ଆକାଶବାଣୀ ମୁଖ୍ୟାଳୟରେ ସ୍ୱତନ୍ତ୍ର ଯୋଗ ଅଧିବେଶନ ଆୟୋଜନ

ହେବ । ଆକାଶବାଣୀର କର୍ମଚାରୀଙ୍କ ଲାଗି ହେବାକୁଥିବା ଯୋଗ ଅଧିବେଶନରେ ମୋରାର୍‌ଜୀ ଦେଶାଇ ଜାତୀୟ ଯୋଗ ପ୍ରତିଷ୍ଠାନର ପ୍ରଶିକ୍ଷିକା ଶ୍ରୁତି ଅଗ୍ରୱାଲ ବିଭିନ୍ନ ଯୋଗାସନ ସମ୍ପର୍କରେ ପ୍ରଶିକ୍ଷଣ ଦେବେ । ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କିତ ସଚେତନତା ସୃଷ୍ଟିଲାଗି ପ୍ରତ୍ୟେକ ବର୍ଷ ଜୁନ୍ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଉଛି ।

## ପିଏମ୍-ଟୁ ନେସନ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଏବଂ ସ୍ଲୋଭାକିଆ ଗସ୍ତ ଶେଷ କରିଛନ୍ତି । ଫ୍ରାନ୍ସ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଏଭିଆନ୍‌ରେ ଜି-୭ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ । ଏହି ସମ୍ମିଳନୀ କାଳରେ ପ୍ରଧାନମନ୍ତ୍ରୀ’ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଜର୍ମାନ ଚାନ୍ସଲର ଫ୍ରେଡରିଚ ମର୍ଜ, ବ୍ରିଟିଶ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର ଏବଂ ୟୁଏଇ ରାଷ୍ଟ୍ରପତି ଶେଖ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନ୍ୟାହାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ’ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ସହ ମିଳିତ ଭାବେ ଭାରତ ଇନୋଭେଟ୍‌ସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ।

ସ୍ଲୋଭାକିଆ ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ମୋଦୀ ସେଠାକାର ରାଷ୍ଟ୍ରପତି ପିଟର ପେଲିଗ୍ରିନିଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ସ୍ଲୋଭାକିଆ ରାଷ୍ଟ୍ରପତି’ ପ୍ରଧାନମନ୍ତ୍ରୀ ନରେନ୍ଦ ମୋଦୀଙ୍କୁ ସର୍ବୋଚ୍ଚ ସମ୍ମାନ ସ୍ୱରୂପ ଦ ଅର୍ଡର ଅଫ୍ ଦ ହ୍ୱାଇଟ୍ ଡବଲ କ୍ରସ୍-ଫାଷ୍ଟ୍‌କ୍ଲାସ୍‌ରେ ସମ୍ମାନିତ କରିଥିଲେ ।

# ଦିଲ୍ଲୀ ଏସ୍‌ସି-ନିଟ୍

କେନ୍ଦ୍ର ସରକାର ଆସନ୍ତା ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଲାଗି ସାମାଜିକ ଗଣମାଧ୍ୟମ ଟେଲିଗ୍ରାମ୍ ଉପରେ ଜାରି କରିଥିବା ସାମୟିକ ପ୍ରତିବନ୍ଧକ ନିୟମ ଅନୁଯାୟୀ ଯଥାର୍ଥ ବୋଲି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ କହିଛନ୍ତି । ବିଚାରପତି ଜଷ୍ଟିସ  ତେଜସ୍ କାରିଆ, ସୂଚନା ପ୍ରଯୁକ୍ତିବିଦ୍ୟା ନିୟମର ଧାରା ଅଣସ୍ତରୀ-ଏ ଅନୁଯାୟୀ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସଠିକ ବୋଲି କହିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରତିବନ୍ଧକ ଜାରି ନେଇ ସାମାଜିକ ଗଣମାଧ୍ୟମ ଆପ୍ ଟେଲିଗ୍ରାମ୍ ପକ୍ଷରୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ ମାମଲା ଦାୟର କରାଯାଇଥିଲା । ଟେଲିଗ୍ରାମ୍ ପକ୍ଷରୁ କୁହାଯାଇଥିଲା ଯେ ନିଟ୍ ପରୀକ୍ଷା ସମ୍ପର୍କିତ ଅନେକ ବିଷୟବସ୍ତୁକୁ ପୂର୍ବରୁ ପ୍ଲାଟଫର୍ମରୁ ହଟାଇ ଦିଆଯାଇଥିବାବେଳେ ଏଭଳି ପ୍ରତିବନ୍ଧକର ଆବଶ୍ୟକତା ନାହିଁ । ସୂଚନା ଅନୁଯାୟୀ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ, ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏର ପ୍ରସ୍ତାବ ଅନୁଯାୟୀ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଟେଲିଗ୍ରାମ୍‌କୁ ଭାରତରେ ବନ୍ଦ ରଖିବା ଲାଗି ନିଷ୍ପତ୍ତି ନେଇଥିଲେ । ଗତମାସ ୧୨ ତାରିଖର ନିଟ୍-ୟୁଜି ପ୍ରବେଶିକା ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ବାତିଲ କରାଯାଇଥିଲା ।

# ଏନ୍‌ଟିଏ-ନିଟ୍ ୟୁଜି ଏକ୍ସାମ

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ନିଟ୍ ୟୁଜି ପୁନଃ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅଫିସିଆଲ ହ୍ୱାଟ୍ସଆପ୍ ଚ୍ୟାନେଲ ଆରମ୍ଭ କରିଛି । ଏନ୍‌ଟିଏ ପକ୍ଷରୁ କୁହାଯାଇଛି ସମସ୍ତ ଅଫିସିଆଲ ଯୋଗାଯୋଗ ଏହି ଆକାଉଣ୍ଟ ଦ୍ୱାରା କରାଯିବ । ଆକାଉଣ୍ଟ ନମ୍ବର ହେଉଛି ୯୧୭୮-୨୭୯୮-୦୨୮୭ । ଏନ୍‌ଟିଏରୁ ଆସିଥିବା କୌଣସି ବାର୍ତ୍ତା ଉପରେ

ବିଶ୍ୱାସ କରିବା ପୂର୍ବରୁ ବ୍ଲୁ ଭେରିଫିକେଶନ ଠିକ୍ ଚିହ୍ନ ଏବଂ ଏନ୍‌ଟିଏ ନାମ ଯାଞ୍ଚ କରିନେବାକୁ ପରୀକ୍ଷାର୍ଥୀମାନଙ୍କୁ କୁହାଯାଇଛି । ଯେଉଁ ପ୍ରାର୍ଥୀମାନେ ଜୁନ୍ ୨୧ ପୁନଃ ନିଟ୍ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ କରିସାରିଛନ୍ତି ସେମାନଙ୍କୁ ପୁଣି ଥରେ ଡାଉନ୍‌ଲୋଡ କରିବାକୁ ପଡିବ ନାହିଁ । ଏନ୍‌ଟିଏ ପକ୍ଷରୁ କୁହାଯାଇଛି ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିନଥିବା ଛାତ୍ରଛାତ୍ରୀମାନଙ୍କୁ ଏସ୍‌ଏମ୍‌ଏସ୍ ଓ ଇ-ମେଲ୍ ଜରିଆରେ ବାର୍ତ୍ତା ପଠାଯାଇଛି । ମେ' ମାସ ୩ ତାରିଖ ନିଟ୍ ପରୀକ୍ଷା ପାଇଁ ଜାରି କରାଯାଇଥିବା ଆଡମିଟ୍ କାର୍ଡ ପୁନଃ ନିଟ୍ ପରୀକ୍ଷାରେ ବ୍ୟବହାର ହୋଇପାରିବ ନାହିଁ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି ।

## ଶାହା-ଫିଙ୍ଗରପ୍ରିଣ୍ଟ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ଦେଶର ପ୍ରତ୍ୟେକ ନାଗରିକଙ୍କ ପାଇଁ ସମ୍ବିଧାନ ପ୍ରଦତ୍ତ ଅଧିକାର ହାସଲ ନିମନ୍ତେ ଫୌଜଦାରୀ ନ୍ୟାୟ ବ୍ୟବସ୍ଥାକୁ ଉପଯୁକ୍ତ ମାଧ୍ୟମ କରିବାର ସମୟ ଉପନୀତ ହୋଇଛି । ଆଜି ନୂଆଦିଲ୍ଲୀରେ ୨୬ତମ ଅଖିଳ ଭାରତୀୟ ଫିଙ୍ଗରପ୍ରିଣ୍ଟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି ସମସାମୟିକ ଆବଶ୍ୟକତା ପୂରଣ କରିବା ପାଇଁ ବିଭିନ୍ନ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଉଛି । ଜାତୀୟ ସ୍ୱୟଂଚାଳିତ ଫିଙ୍ଗରପ୍ରିଣ୍ଟ ପ୍ରଣାଳୀ - ନାଫିସ୍ ବିଷୟରେ ଶ୍ରୀ ଶାହା କହିଛନ୍ତି ଏଭଳି ଅନେକ ଜଟିଳ ମାମଲା ରହିଛି ଯେଉଁଠାରେ ଫିଙ୍ଗରପ୍ରିଣ୍ଟ ଚିହ୍ନଟ ପ୍ରଣାଳୀ ବ୍ୟବସ୍ଥା ସମାଧାନ ଦିଗରେ ସହାୟକ ହୋଇଛି । ସେ କହିଛନ୍ତି ଏହି ପ୍ରଣାଳୀ କେବଳ ଅପରାଧୀ ମାନଙ୍କୁ ଠାବ କରିବା ଲାଗି ବ୍ୟବହାର କରା ନଯାଇ ଅନ୍ୟାନ୍ୟ କ୍ଷେତ୍ରକୁ ବିସ୍ତାର କରାଯିବା ଆବଶ୍ୟକ ।

**V/O (Amit Saha)**

## ବୈଷ୍ଣବ-ବିହାର ଭିଜିଟ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦିନିକିଆ ବିହାର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ସେଠାରେ ପାଟ୍‌ନା ଏବଂ ଛପରାରେ କେତେକ କାର୍ଯ୍ୟକ୍ରମରେ ଯୋଗଦେବେ । ପାଟ୍‌ନାସ୍ଥିତ ସଫ୍ଟୱେୟାର ଟେକ୍ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ଛପରା ରେଳଷ୍ଟେସନରୁ ଛପରା-ଦିଲ୍ଲୀ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିବେ । ଏହି ଅବସରରେ ଶ୍ରୀ ବୈଷ୍ଣବ ମାଉ-ଦିଲ୍ଲୀ ଏକ୍ସପ୍ରେସ୍ ଏବଂ ଦୋରିଘାଟ-ଅଉନରିହାର ରେଳସେବାକୁ ବାରାଣାସୀ ପର୍ଯ୍ୟନ୍ତ ଚଳାଚଳର ଆଭାସୀ ଜରିଆରେ ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ବିହାର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଉପସ୍ଥିତ ରହିବେ । ପରେ ଶ୍ରୀ ବୈଷ୍ଣବ ମରହୌରାଠାରେ ରେଳ ଇଞ୍ଜିନ୍ ଫ୍ୟାକ୍ଟ୍ରି ପରିଦର୍ଶନ କରିବେ ।

## ଫିଫା ୱାର୍ଲ୍ଡକପ୍

ଫିଫା ବିଶ୍ୱକପ୍‌ରେ ଗୁଡାଲା ଜାରା ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ମେକ୍ସିକୋ' ଦକ୍ଷିଣ କୋରିଆକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ପ୍ରଥମ ଦଳ ଭାବେ ମେକ୍ସିକୋ ୩୨ ରାଉଣ୍ଡ ବିଶିଷ୍ଟ ନକ୍‌ଆଉଟ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ମେକ୍ସିକୋର ମିଡ୍ ଫିଲ୍‌ଡର ଖେଳର ୫୦ ମିନିଟ୍‌ରେ ଗୋଟିଏ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ ।